# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 November – 2025

**********************************

## ମୁଖ୍ୟ ସମ୍ବାଦ

- ଉତ୍ତରପ୍ରଦେଶର ଅଯୋଧ୍ୟା ମର୍ଯ୍ୟାଦାର କେନ୍ଦ୍ରବିନ୍ଦୁ ଏବଂ ବିକଶିତ ଭାରତର ମେରୁଦଣ୍ଡ; କହିଲେ ପ୍ରଧାନମନ୍ତ୍ରୀ

— ଶ୍ରୀରାମ ଜନ୍ମଭୂମି ମନ୍ଦିର ଶିଖରରେ କଲେ ଧ୍ୱଜା-ଆରୋହଣ

- ୧୨ଟି ବିଭାଗର ୭ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ ପ୍ରାର୍ଥୀଙ୍କୁ ଆଜି ନିଯୁକ୍ତି ପତ୍ର ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ

- ରାଜ୍ୟରେ ଆଜିଠାରୁ ଆରମ୍ଭ ହେଲା ଧାନ ସଂଗ୍ରହ ପ୍ରକ୍ରିୟା

— ଚଳିତବର୍ଷ ୩ ହଜାର ୧୩୪ଟି କେନ୍ଦ୍ରରେ ୯୩ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ସରକାରଙ୍କ ଲକ୍ଷ୍ୟ

- ଶିମିଳିପାଳ ଅଭୟାରଣ୍ୟରେ ବାଘସଂଖ୍ୟା ୩୨କୁ ବୃଦ୍ଧି

ଏବଂ

- ମାର୍ଗଶୀର ଶୁକ୍ଳ ଷଷ୍ଠୀ ତିଥିରେ ଶ୍ରୀମନ୍ଦିରରେ ଆସନ୍ତାକାଲି ଅନୁଷ୍ଠିତ ହେବ ଶ୍ରୀଜୀଉମାନଙ୍କର ଘୋଡଲାଗି ନୀତି

# ପିଏମ୍- ଅଯୋଧ୍ୟା

ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ଆଜି ଧ୍ୱଜା ଆରୋହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ସବରେ ଯୋଗଦେଇ ମନ୍ଦିରର ଶିଖରରେ ଆନୁଷ୍ଠାନିକ ଭାବେ ଏକ ଗେରୁଆ ରଙ୍ଗର ପତାକା ଉତ୍ତୋଳନ କରିଛନ୍ତି। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଅଯୋଧ୍ୟା ମର୍ଯ୍ୟାଦାର କେନ୍ଦ୍ରବିନ୍ଦୁ ଥିଲା, ବର୍ତ୍ତମାନ ଏହା ବିକଶିତ ଭାରତର ମେରୁଦଣ୍ଡ ହେବାକୁ ଯାଉଛି ।

**- V/O -(PM)**

ପ୍ରଧାନମନ୍ତ୍ରୀ' ପରେ ମହର୍ଷି ବଶିଷ୍ଠ, ବିଶ୍ୱାମିତ୍ର, ଅଗସ୍ତ୍ୟ, ବାଲ୍ମୀକି, ଦେବୀ ଅହଲ୍ୟା, ନିଷାଦରାଜ ଗୁହା ଏବଂ ମାତା ଶବରୀଙ୍କ ମନ୍ଦିର ଯାଇ ଦର୍ଶନ କରିଛନ୍ତି।  ଶ୍ରୀ ମୋଦୀ ଭଗବାନ ରାମଙ୍କ ବିରଳ ଶେଷାବତାର ମନ୍ଦି ପରିଦର୍ଶନ କରିବା ପରେ ମାତା ଅନ୍ନପୂର୍ଣ୍ଣା ମନ୍ଦିର ଏବଂ ରାମ ଲଲ୍ଲା ଗର୍ଭଗୃହରେ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥିଲେ। ଶ୍ରୀ ମୋଦୀ କହିଛନ୍ତି, ଆଜି ସାରା ଦେଶ ରାମମୟ ହୋଇଛି। ଏହି କାର୍ଯ୍ୟକ୍ରମ ମନ୍ଦିର ନିର୍ମାଣ ସମାପ୍ତି ଏବଂ ସାଂସ୍କୃତିକ ଉତ୍ସବ ତଥା ଜାତୀୟ ଏକତାର ଏକ ନୂତନ ଅଧ୍ୟାୟ ପ୍ରାରମ୍ଭର ପ୍ରତୀକ ବୋଲି ବିବେଚନା କରାଯାଉଛି।

# ଧ୍ୱଜାରୋହଣ-ମୁଖ୍ୟମନ୍ତ୍ରୀ

ଅଯୋଧ୍ୟା ରାମମନ୍ଦିରରେ ଧର୍ମଧ୍ୱଜା ଆରୋହଣ ସଂକଳ୍ପରୁ ସିଦ୍ଧିର ଏକ ଜ୍ୱଳନ୍ତ ଉଦାହରଣ ବୋଲି  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ

କହିଛନ୍ତି, ଏହି ଶୁଭ ଅନୁଷ୍ଠାନ  ଆମର ଗୌରବମୟ ସଂସ୍କୃତି ଏବଂ ଇତିହାସର ମୂକ ସାକ୍ଷୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

# ନିଯୁକ୍ତିମେଳା

ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ ପକ୍ଷରୁ ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ନିଯୁକ୍ତିମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ନୂଆ କରି ଚାକିରି ପାଇଥିବା ୧୨ଟି ବିଭାଗର ୭ ହଜାର ୨୯୩ ଜଣ ପ୍ରାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର ପ୍ରଦାନ କରିବେ । ଗୃହ ବିଭାଗ ପକ୍ଷରୁ ସର୍ବାଧିକ ୨ ହଜାର ୩୬୫ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨ ହଜାର ୧୫୪ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ।

# ଧାନ ସଂଗ୍ରହ

ରାଜ୍ୟରେ ଆଜିଠାରୁ ଧାନସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି।  ଧାନ ସଂଗ୍ରହ କମିଟି ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଧାନ ବିକ୍ରୟ ନିମନ୍ତେ ୧୯ଲକ୍ଷ ୬୮ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ଚଳିତବର୍ଷ ଉଭୟ ଖରିଫ୍ ଓ ରବିଋତୁ ପାଇଁ ୯୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ୩ ହଜାର ୧୩୪ଟି ପ୍ରାଥମିକ ସେବା ସମବାୟ ସମିତି ପ୍ୟାକ୍ସ ଓ ଲ୍ୟାମ୍ପସ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏହାବ୍ୟତୀତ ୧ ହଜାର ୪୧୯ ମିଲର ଧାନ ସଂଗ୍ରହ କରିବେ। ଚାଷୀଙ୍କ

ପାଇଁ ମଣ୍ଡିଗୁଡ଼ିକରେ ଚଳିତଥର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି ।

କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ ଓ ଭାଗଚାଷୀମାନଙ୍କଠାରୁ ଧାନ କିଣିବା ପାଇଁ ସରକାରଙ୍କ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଉଛି। ଧାନ ବିକ୍ରି କରିବାର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କର ବ୍ୟାଙ୍କ ଖାତାକୁ ପ୍ରାପ୍ୟ ପୈଠ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାନ ବିକ୍ରି ପ୍ରକ୍ରିୟାରେ ଚାଷୀମାନଙ୍କର ଅଭିଯୋଗ ଥିଲେ ୧୯୬୭ ନମ୍ବରକୁ ଫୋନ୍ କରି ଅଭିଯୋଗ କରିପାରିବେ।

## ବାଘ ସଂଖ୍ୟା

ରାଜ୍ୟ ବନବିଭାଗ ପକ୍ଷରୁ ଚଳିତବର୍ଷ କରାଯାଇଥିବା ବାଘ ଗଣନା ଅନୁସାରେ, ଶିମିଳିପାଳ ଅଭୟାରଣ୍ୟରେ ବାଘ ସଂଖ୍ୟା ୩୨କୁ ବୃଦ୍ଧି ପାଇଛି। ଗତବର୍ଷ ଗଣନା ତୁଳନାରେ ଚଳିତବର୍ଷ ଆଉ ୫ଟି ବାଘ ଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।  ପ୍ରଧାନ ମୁଖ୍ୟ ବନସଂରକ୍ଷକ ପ୍ରେମ କୁମାର ଝା'ଙ୍କ ସୂଚନା ଅନୁସାରେ, ଶିମିଳିପାଳ ଅଭୟାରଣ୍ୟରେ ୯ଟି ଛୁଆ ବାଘ ଥିବା ଜଣାପଡିଛି।

## ଘୋଡ ଲାଗି ନୀତି

ପବିତ୍ର ମାର୍ଗଶୀର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପବିତ୍ର ଓଡଣୀ ଷଷ୍ଠୀ ଅବସରରେ ଆସନ୍ତାକାଲି **ପୁରୀ** ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଘୋଡଲାଗି ନୀତି ଅନୁଷ୍ଠିତ ହେବ। ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ

ଶ୍ରୀଜୀଉମାନେ ଶୀତବସ୍ତ୍ର ପରିଧାନ କରିବାର ବିଧି ରହିଛି। ଆସନ୍ତାକାଲିଠାରୁ ବସନ୍ତପଞ୍ଚମୀ ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଘୋଡଲାଗି ନୀତି ସମ୍ପନ୍ନ ହେବ। ଶ୍ରୀମନ୍ଦିରରେ ଆଜି ଘୋଡ ଅଧିବାସ ନୀତି ସମ୍ପାଦନ କରାଯିବ। ପରମ୍ପରା ଅନୁସାରେ, ଶ୍ରୀମନ୍ଦିରରେ ଆଜି ରାତ୍ର ସମୟରେ ଚନ୍ଦନଲାଗି ନୀତି ସମାପନ ପରେ ସମସ୍ତ ପ୍ରସ୍ତୁତ ଘୋଡକୁ ଅଧିବାସ ହୋଇ ରଖାଯିବ। ଆସନ୍ତାକାଲି ଏହି ଅଧିବାସିତ ଘୋଡ ଲାଗି କରାଯିବ।

# ଏକତା ପଦଯାତ୍ରା

**ନୟାଗଡ଼** ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ରଣପୁର ପଞ୍ଚଦୋଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକତା ପଦଯାତ୍ରା ଅବସରରେ ଏକ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଥିଲା। ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ପଦଯାତ୍ରା ରଣପୁର ପଞ୍ଚଦୋଳ ପଡିଆରୁ ବାହାରି ବିଭିନ୍ନ ଗ୍ରାମ ଅତିକ୍ରମ କରିବା ପରେ ଚମ୍ପାପେଡି ଗ୍ରାମରେ ସମାପନ ହୋଇଥିଲା। କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡକ୍ଟର ସମ୍ବିତ୍ ପାତ୍ର, ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପଦଯାତ୍ରା ସଭାରେ ଅତିଥିମାନେ ଆତ୍ମନିର୍ଭର ଭାରତ ଗଠନ ପାଇଁ ସ୍ୱଦେଶୀ ବସ୍ତୁର ବ୍ୟବହାର ନିମନ୍ତେ ଉପସ୍ଥିତ ଜନସାଧାରଣଙ୍କୁ ସଂକଳ୍ପପାଠ କରାଇଥିଲେ।

**କଳାହାଣ୍ଡି** ଜିଲ୍ଲା **ମୋ ଯୁବାଭାରତ** ଶାଖା, କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ  ନର୍ଲା ମିନିଷ୍ଟାଡିୟମ୍‌ରେ ଆୟୋଜିତ ଏକତା ପଦଯାତ୍ରା କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଆତ୍ମନିର୍ଭର ଭାରତକୁ ନେଇ ଉପସ୍ଥିତ ବ୍ୟକ୍ତିଙ୍କୁ  ଶପଥପାଠ କରାଇଥିଲେ ।

# ବୌଦ୍ଧ ମହୋତ୍ସବ

**ବୌଦ୍ଧ** ଜିଲ୍ଲାର ପ୍ରସିଦ୍ଧ ବୌଦ୍ଧ ମହୋତ୍ସବ ଆସନ୍ତା ୨୦୨୬ ମସିହା ଜାନୁୟାରୀ ମାସ ୨ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ହେବ । ମହୋତ୍ସବକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଆଜି ବିଧାୟକ ସରୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କଚେରୀ ପଡିଆରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଜିଲ୍ଲାର ଲୋକସଂସ୍କୃତି, ଲୋକକଳା, ଭାସ୍କର୍ଯ୍ୟ, ପର୍ଯ୍ୟଟନ, ହସ୍ତକଳା ଆଦିର ପ୍ରଚାର ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି ।

# ମଶାଲ ଶୋଭାଯାତ୍ରା

ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରକ୍ତତୀର୍ଥ ଇରମ ସହିଦ୍ ପୀଠ ଏବଂ ଲୁଣିଆ ସହିଦ୍ ପୀଠରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମଠସାହି ଗୋପାଳଜୀଉ ମଠ ପ୍ରାଙ୍ଗଣରେ ଶୁଭାରମ୍ଭ ହୋଇଥିବା ଜିଲ୍ଲା ସାଂସ୍କୃତିକ ସମ୍ମିଳନ ତ୍ୟାଗଭୂମି ମହୋତ୍ସବରେ

ମଶାଲ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ  ଯୋଗଦେଇ ସହିଦ୍ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମଶାଲ ଶୋଭାଯାତ୍ରାରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଏବଂ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇ ଏହାକୁ ସ୍ୱାଗତ କରିଥିଲେ।

## ଜାତୀୟ ସଂପାନ

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ସ୍ଥିତ ଏପିଜେ ଅବଦୁଲ କଲାମ୍ ସମ୍ମିଳନୀ କକ୍ଷରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ  'ଓଡ଼ିଆ ସମାଲୋଚନା ସାହିତ୍ୟ ଧାରାରେ ସମାଲୋଚକ ସଚିଦାନନ୍ଦ ମିଶ୍ର' ଶୀର୍ଷକ ଏକଦିବସୀୟ ଜାତୀୟ ସଂପାନରେ ଶ୍ରୀ ମିଶ୍ରଙ୍କ ଲେଖନୀରେ ଓଡ଼ିଆ ଭାଷାର ସାହିତ୍ୟିକ ଶକ୍ତି, ପୌରାଣିକ ସୂଚନାର ନବମୂଲ୍ୟାୟନ ଏବଂ ଓଡ଼ିଆତ୍ୱର ପୁନଃବ୍ୟାଖ୍ୟା ସହିତ ସଚିଦାନନ୍ଦଙ୍କ ଆଧୁନିକ ସାହିତ୍ୟ ଉପରେ ଆଲୋଚନା ହୋଇଥିଲା।

## ମଣ୍ଡେଇ ମହୋତ୍ସବ

**ନବରଙ୍ଗପୁର** ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ପୋଡାଗଡ଼ ପୀଠର ବିକାଶ ପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ଘୋଷଣା କରିଛନ୍ତି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ପୋଡାଗଡ଼ର ଶ୍ରୀ ଶ୍ରୀ ଭୈରବ ମନ୍ଦିରଠାରୁ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା ପରେ ମଣ୍ଡେଇ ମହୋତ୍ସବ ଆରମ୍ଭ ହୋଇଛି। ଜିଲ୍ଲାର ପ୍ରଚଳିତ ପର୍ବ

ମଣ୍ଡେଇର ଶୁଭାରମ୍ଭ କରି ଶ୍ରୀ ଖୁଣ୍ଟିଆ କହିଛନ୍ତି, ଏହି ମହୋତ୍ସବ କଳା, ସଂସ୍କୃତି୍, ଐତିହ୍ୟ ଓ ପରମ୍ପରାର ପ୍ରତୀକ।

## ହାତୀପଲ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ-କୋମନା ବ୍ଲକ ସୀମାନ୍ତ ତୀଖାଲି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ନିକଟସ୍ଥ ଜଙ୍ଗଲରେ ୩୦ଟିକିଆ ହାତୀପଲ ବୁଲୁଥିବା ଦେଖିବାକୁ ମିଳିଛି । ଛତିଶଗଡ଼ ଦେଇ ସୁନାବେଡ଼ା ଅଭୟାରଣ୍ୟ ଅଞ୍ଚଳ ଅତିକ୍ରମ କରି ଏହି ହାତୀପଲ ସେଠାରେ ପହଞ୍ଚିଥିବା ବନ ବିଭାଗ କହିଛି । ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ପାଇଁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯିବା ସହ ଡ୍ରୋନ୍ ସହାୟତାରେ ହାତୀପଲର ଗତିବିଧି ଉପରେ ନଜର ରଖାଯାଇଛି ।

## ଧାନ ସଂଗ୍ରହ-କଟକ

**କଟକ** ଜିଲ୍ଲାରେ ଧାନ ସଂଗ୍ରହ ସମୟରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳାର ସହିତ ଧାନ ସଂଗ୍ରହ ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସାଂସଦ ଭର୍ତ୍ତୃହରୀ ମହତାବ ଗୁରୁତ୍ୱ ଦେଇ କହିଥିଲେ ଯେ, ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ବିଶେଷ ଧ୍ୟାନ ଦେବାକୁ ପଡିବ। ଚଳିତବର୍ଷ ଖରିଫ୍ ଧାନ ବିକିବା ପାଇଁ ଜିଲ୍ଲାର ୭୩ ହଜାର ୭୯୦ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି।

# ପ୍ରଶିକ୍ଷଣ ଶିବିର

ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନସ୍ଥ ଅନୁଦାନପ୍ରାପ୍ତ ବେସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତ ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତି ବିଷୟର ସ୍ନାତକୋତ୍ତର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଭୁବନେଶ୍ୱର ଶିରିପୁରସ୍ଥିତ ଇମେଜ୍ ଠାରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ୫ ଦିନିଆ ଶିବିରରେ ପ୍ରାୟ ୯୦ ଜଣ ପି.ଜି.ଟି ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଛନ୍ତି ।